## ଚେକ୍‌ଡ୍ୟାମରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର

ଦେବଗଡ (ଡି.ଏନ.ଏ)– ଦେବଗଡ ଜିଲା ବାରକୋଟ ଥାନା ଅନ୍ତର୍ଗତ ଟାଇଁସିରା ଗ୍ରାମରେ ଥିବା ଯୌତୁକ ନାଳ ଚେକ୍‌ଡ୍ୟାମରୁ ଗୁରୁବାର ଜଣେ ନାବାଳିକାଙ୍କ ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ଉଦ୍ଧାର ନାବାଳିକା ଜଣକ ଅନୁଗୋଳ ଜିଲା ପାଲଲହଡା ଥାନା ଅନ୍ତର୍ଗତ ପଟାମୁଣ୍ଡା ଗ୍ରାମର ନିଶାକର ପେଣ୍ଟେଇଙ୍କ ଝିଅ ମୋତି (୧୫)ବୋଲି ଜଣାପଡିଛି । ମୋତି ମାନସିକ ରୋଗରେ ପୀଡିତ ଥିଲେ ଓ ଗତ ୨୩ ତାରିଖଠାରୁ ନିଖୋଜ ଥିଲେ ।

# ଚାଷକୁ ନିଅଣ୍ଟ ଶ୍ରାବଣର ଧାରା

ସମ୍ବଲପୁର,୩୦ ।୭ (ବ୍ୟୁରୋ)


ସମ୍ବଲପୁର ମାନେଶ୍ୱର ଅଞ୍ଚଳରେ ଚାଷ ଜମି ଶୁଖିଲା ପଡି ଆଁ କରିଛି ।

ସମ୍ବଲପୁର ଜିଲାରେ ଚଳିତ ବର୍ଷ ମେ ଶେଷଭାଗ ଓ ଜୁନ ମାସ ସାରା ପ୍ରବଳ ବର୍ଷା ହୋଇଥିଲା । ଠିକ୍ ସମୟରେ ଓଡ଼ିଶାକୁ ମୌସମୀ ବି ଆସିଥିଲା । ସେଥିପାଇଁ ଚାଷୀ ଚଳିତ ବର୍ଷ ଭଲ ଫସଲ ପାଇବ ବୋଲି ଆଶା ବାନ୍ଧିଥିଲା । ହେଲେ ଆସ୍ତେ ଆସ୍ତେ ବର୍ଷା କମିଲା । ଚାଷୀ କ୍ଷେତକୁ ଯିବା ପୂର୍ବରୁ ସବୁ ଯେମିତି ଓଲଟପାଲଟ ହୋଇଗଲା । ଏବେ ଶ୍ରାବଣ ବି ଶୁଖିଲା ପଡିଛି । ଜୁନରେ ଅଧିକ ବର୍ଷା ଯୋଗୁ ବୁଣା ଧାନ ପ୍ରଭାବିତ ହୋଇଥିବା ବେଳେ ଜୁଲାଇରେ ବର୍ଷା ଅନୁପାତ କମିଛି । ସେଥିପାଇଁ ରୁଆ ଧାନ କ୍ଷତିଗ୍ରସ୍ତ ହେବ ବୋଲି ଆକଳନ କରାଯାଇଛି । ସ୍ଥିତି ଏମିତି ହୋଇଛି ଯେ, ଅଣ ଜଳସେଚିତ ଅଞ୍ଚଳରେ ୪୦ ପ୍ରତିଶତ ଚାଷ କାମ ବାକିଥିବା ବେଳେ ଜଳସେଚନ ଅଞ୍ଚଳରେ ୨୦ ପ୍ରତିଶତ କାମ ପଛେଇଛି ବୋଲି ଚାଷୀମାନେ କହିଛନ୍ତି ।

ସୂଚନା ଅନୁଯାୟୀ, ସମ୍ବଲପୁର ଜିଲାରେ ମେ ମାସରେ ୧୩୨ ମିଲିମିଟର ବର୍ଷା ହୋଇଥିଲା । ଜୁନ୍‌ରେ ସେହି ପରିମାଣ ୩୨୧ ମିଲିମିଟର ଥିବା ରେକର୍ଡ କରାଯାଉଥିଲା । ହେଲେ ଜୁଲାଇରେ ୨୬୧.୨୬ ମିଲିମିଟର ବର୍ଷା ହୋଇଛି । ଗତ ୭ ଦିନ ହେଲା ଜିଲାରେ ଅସରାଏ ବି ବର୍ଷା ହୋଇନାହିଁ । ଫଳରେ ଚାଷୀ ମୁଣ୍ଡରେ ହାତ ଦେଇବସିଛି । ଯେଉଁ ଚାଷୀମାନେ ଧାନ ରୁଆ କରିଥିଲେ ସେହି ବିଲ ଫାଟି ଆଁ କରିଛି । ଆଉ କିଛି ଦିନ ମଧ୍ୟରେ ବର୍ଷା ନ ହେଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ ବୋଲି ଚାଷୀମାନେ କହିଛନ୍ତି । ଏ ନେଇ ଚାଷୀ ଅଶୋକ ପ୍ରଧାନ କୁହନ୍ତି, ପାଣିପାଗ ବିଭାଗର ପୂର୍ବସୂଚନାକୁ ନେଇ ଚାଷୀମାନେ ବେଶ୍ ଉତ୍ସାହିତ ଥିଲେ । ଚଳିତ ବର୍ଷ ଖରିଫରେ ମରୁଡ଼ି ହେବ ନାହିଁ ବୋଲି ଚାଷୀମାନେ ନିଶ୍ଚିତ ହୋଇଥିଲେ । ହେଲେ ବର୍ଷାର ଅନିୟମିତତା ଆମକୁ ଚିନ୍ତାରେ ପକାଇଛି । ଅଣ ଜଳସେଚିତ ଅଞ୍ଚଳରେ ରୁଆ ଧାନ ବାକି ରହିଛି । ଆଗକୁ ବର୍ଷା ହେଲେ ମଧ୍ୟ ଭଲ ଅମଳ ହେବ ନାହିଁ । ଯେଉଁଠି ଧାନ ରୁଆ ହୋଇଛି । ବର୍ଷା ଅଭାବରୁ ଚାଷୀ ଦ୍ୱିତୀୟ ଥର ସାର ପ୍ରୟୋଗ କରି ପାରୁନାହିଁ । କେତେକ ଅଞ୍ଚଳରେ ବିଲରେ ପାଣି ଅଭାବରୁ ଜମି ପଡିଆ ପଡିଛି । ଶ୍ରାବଣ ମାସ ଚାଷୀଙ୍କ ପାଇଁ ଘାତକ ହୋଇଛି । ପୂର୍ବରୁ କରୋନା କଟକଣା ଯୋଗୁ ଚାଷୀମାନେ ଶ୍ରମିକ ସମସ୍ୟା ସମ୍ମୁଖୀନ ହେଉଥିଲେ । ଏବେ ବର୍ଷାର ଅଭାବ ଚାଷୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଛି ।

**ସମ୍ବଲପୁର ଜିଲା**
- ସମସ୍ତ ବ୍ଲକରେ ଚାଷ କାମ ପ୍ରଭାବିତ
- ରୁଆ ଧାନ ବିଲ ଫାଟିଲାଣି
- ମରୁଡ଼ି ଆଶଙ୍କାରେ ଚାଷୀ

ଏ ନେଇ ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ କୁମାର ରାୟ କହିଛନ୍ତି , ଜିଲାରେ ଚାଷ କାମ ଅଳ୍ପ କିଛି ମାତ୍ରାରେ ବାକି ରହିଛି । ଜୁଲାଇରେ ବର୍ଷା ପରିମାଣ କମ୍ ରହିଛି । ହେଲେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇନାହିଁ । ଅଗଷ୍ଟ ପ୍ରଥମ ସପ୍ତାହରେ ଭଲ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି । ଯଦି ଆବଶ୍ୟକ ଅନୁଯାୟୀ ବର୍ଷା ହେବ ଚାଷୀଙ୍କ ଚିନ୍ତା ଦୂର ହୋଇଯିବ ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ, ଜିଲାରେ ମୋଟ ୯ ବ୍ଲକରେ ଅଣ ଜଳସେଚିତ ଓ ଜଳସେଚିତ ମୋଟ ୧ ଲକ୍ଷ ୪ ହଜାର ୭୫୦ ହେକ୍ଟର ଜମିରେ ଖରିଫ ଫସଲ ପାଇଁ କୃଷି ବିଭାଗ ଲକ୍ଷ୍ୟ ରଖିଛି । ହେଲେ ଶ୍ରାବଣରେ ବର୍ଷା ପରିମାଣ କମିଥିବାରୁ ସେହି ଲକ୍ଷ୍ୟ ପୂରଣ ହେବାରେ ସମ୍ଭାବନା ନାହିଁ ବୋଲି ଚାଷୀମାନେ କହିଛନ୍ତି । ଅନ୍ୟପକ୍ଷେ ଜିଲାରେ ଚଳିତ ବର୍ଷ ଜୁନ ମାସରେ ୩୨୧.୧୧ ମିମି ବର୍ଷା ହୋଇ ଗତ ୫ବର୍ଷର ରେକର୍ଡ ଭାଙ୍ଗିଥିଲା । ୨୦୧୬ ରେ ୮୬.୯୮, ୨୦୧୭ରେ ୨୭୬.୪୪, ୨୦୧୮ରେ ୧୨୬.୪୯, ୨୦୧୯ରେ ୧୪୦.୩୨ ମିମି ବର୍ଷା ହୋଇଥିବା ପାଣିପାଗ ବିଭାଗ କହିଛି । ସେହିପରି ଚଳିତ ବର୍ଷ ଜୁଲାଇ ୧୫ ପର୍ଯ୍ୟନ୍ତ ଯୁଯୁମୁରା ବ୍ଲକରେ ୭୮.୦୦ ମିମି, ଧନକଉଡା ବ୍ଲକରେ ୨୫.୩ ମିମି, ରେଙ୍ଗାଲି ବ୍ଲକରେ ୫୫.୪ ମିମି, ମାନେଶ୍ୱର ବ୍ଲକରେ ୯୦.୦୨ ମିମି, କୁଚିଣ୍ଡା ବ୍ଲକରେ ୧୧୩.୦୬ ମିମି, ଜମନକିରା ବ୍ଲକରେ ୧୮.୦୬ ମିମି, ବାମରାରେ ୧୮.୦୮ ମିମି, ରେଢ଼ାଖୋଲ ବ୍ଲକ୍‌ରେ ୨୬.୦୪ ମିମି ଓ ନାକଟୀଦେଉଳ ବ୍ଲକରେ ୫୭.୦୦ ମିମି ବର୍ଷା ହୋଇଛି ।

**ରିପୋର୍ଟ– ଶୁଭାଶିଷ ପାଢ଼ୀ**

## ସଂକ୍ଷେପରେ

### ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଜମନକିରା, ୩୦। ୭(ଡି.ଏନ.ଏ.) ସମ୍ବଲପୁର ଜିଲା ଜମନକିରା ଥାନା ଦଶଘରିଆପଡ଼ାର ଗୁଡୁ ନାଏକ (୨୫) ନାମକ ଜଣେ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ପୋଲିସ ମୃତଦେହ ଜବତ କରି କୁଚିଣ୍ଡା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ସୂଚନା ଅନୁଯାୟୀ ବୁଧବାର ସକାଳେ ଗୁଡୁ ଗାଁ ନିକଟ ଏକ ପୋଖରୀରୁ ମାଛ ଧରିବାକୁ ଯାଉଛି କହି ଘରୁ ବାହାରିଥିଲେ। ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ମଧ ପାଇ ନ ଥିଲେ। ଗୁରୁବାର ସକାଳେ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା କେତେକଣ ଲୋକ ପାଣିରେ ଏକ ମୃତଦେହ ଭାସୁଥିବା ଦେଖିଥିଲେ। ସ୍ଥାନୀୟ ପୋଲିସ ମୃତଦେହ ଉଦ୍ଧାର କରିବା ପରେ ପରିବାର ଲୋକେ ଚିହ୍ନଟ କରିଥିଲା।

### ଶ୍ରମିକ ଅଭାବରୁ ଆଗଉନି ଚାଷ

ଅତାବିରା, ୩୦।୭(ଡି.ଏନ.ଏ.) ଆଷାଢ଼ ଯାଇ ଶ୍ରାବଣ ଶେଷ ହେବାକୁ ବସିଲାଣି। ହେଲେ ଆଶାନୁରୂପ ବର୍ଷା ନ ହେବାରୁ ବରଗଡ ଜିଲା ଅତାବିରା ବ୍ଲକର ଅଣଜଳସେଚିତ ଅଞ୍ଚଳରେ ଚାଷ କାମ ପଛେଇ ଯାଇଛି। କରୋନା କଟକଣା ଯୋଗୁ ଏ ଅଞ୍ଚଳକୁ ଶ୍ରମିକମାନେ ଆସୁ ନ ଥିବାରୁ ପହ୍ଲାରୁଆ ଆଗେଇ ପାରୁନି। କେତେକ ସ୍ଥାନରେ ଜମି ଫାଟି ଆଁ କଲାଣି। ଅପରପକ୍ଷରେ ଟାଣଖରା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି।

### ସଙ୍ଗରୋଧ କେନ୍ଦ୍ରରୁ ଇନ୍‌ଭର୍ଟର, ଖଟ ଚୋରି

ସଇଁତଲା, ୩୦।୭ (ଡି.ଏନ.ଏ.) - ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କେରମେଲି ପଞ୍ଚାୟତରେ ହୋଇଥିବା ସଙ୍ଗରୋଧ କେନ୍ଦ୍ରର ଇନ୍‌ଭର୍ଟର, ଖଟ ଆଦି ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସରପଞ୍ଚ ସ୍ୱର୍ଣ୍ଣରେଖା ସୁନା ଏ ନେଇ ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାମତେ କେରମେଲି ସଙ୍ଗରୋଧ କେନ୍ଦ୍ରରେ ଏବେ କେହି ରହୁ ନାହାନ୍ତି। ଏହାର ସୁଯୋଗ ନେଇ କେହି ଦୁର୍ବୃତ୍ତ ସେଠାରେ ଥିବା ୩ଟି ଖଟ ଏବଂ ଏକ ଇନଭର୍ଟରର ଚୋରି କରି ନେଇଛନ୍ତି। ସଙ୍ଗରୋଧ କେନ୍ଦ୍ରର ଚାବି ସରପଞ୍ଚଙ୍କ ପାଖରେ ରହିଛି। ତେବେ କେନ୍ଦ୍ରର କୌଣସି ଝରକା, ଗ୍ରୀଲ କିମ୍ବା କବାଟ ଭଙ୍ଗା ନ ଯାଇ କିପରି ସାମଗ୍ରୀ ଚୋରି ହୋଇଗଲା ତାହାକୁ ନେଇ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସଇଁତଲା ଥାନା ପୋଲିସ ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ସଙ୍ଗରୋଧ କେନ୍ଦ୍ର ଖୋଲିବା ପରେ ଖଟ, ପଙ୍ଖା, ୱାଟର ପ୍ୟୁରିଫାୟର, ଗଦି, ତକିଆ, ବେଡ୍‌ଶିଟ, ଚାଦର, ଇନଭର୍ଟର ଆଦି ସାମଗ୍ରୀ କିଣାଯାଇଥିଲା।

### ଫସଲ ବୀମା ପାଇଁ ଶଟ୍‌ଡାଉନ୍‌ରେ ଖୋଲା ରହିବ ବ୍ୟାଙ୍କ

ବଲାଙ୍ଗୀର ଅଫିସ, ୩୦।୭ -ବଲାଙ୍ଗୀର ଜିଲା ପ୍ରଶାସନ କରୋନା ସଂକ୍ରମଣ ଧାରା ରୋକିବା ପାଇଁ ଜୁଲାଇ ୩୧ରୁ ଅଗଷ୍ଟ ୩ ଚାରିଦିନ ପାଇଁ ଜିଲାକୁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀମାନେ ଶସ୍ୟ ବୀମା କରିବାକୁ ଥିବାରୁ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଶଟ୍‌ଡାଉନ୍ ସମୟରେ ମଧ ସମସ୍ତ ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ୍ ସେବା ଯୋଗାଉଥିବା ସମସ୍ତ ପ୍ରତିଷ୍ଠାନ ଖୋଲାରହିବ ବୋଲି ପ୍ରଶାସନ ପୁନର୍ବାର ଏକ ନିର୍ଦ୍ଦେଶନାମା ଜରି କରିଛି। ଫସଲ ବୀମା ପାଇଁ ବ୍ୟାଙ୍କ ଓ ବ୍ୟାଙ୍କିଙ୍ଗ୍ ସେବା ଯୋଗାଉଥିବା ପ୍ରତିଷ୍ଠାନ ଖୋଲିବ ବୋଲି ନୂଆ ନିର୍ଦ୍ଦେଶନାମା ପରେ ଚାଷୀ ମହଲରେ ଆଶ୍ୱସ୍ତି ପ୍ରକାଶ ପାଉଛି।

### ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଡୁଙ୍ଗୁରିପାଲି,୩୦।୭(ଡି.ଏନ.ଏ.) ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକରେ ଦୁର୍ନୀତି ହେଉଥିବା ଅଭିଯୋଗ କରି ଗୁରୁବାର ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ସହଦେବ ସମାଦିଆଙ୍କୁ ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପୂଜାରୀ, ବ୍ଲକ ମଣ୍ଡଳ ସଭାପତି ନିତାଇ ପାଲ୍, ଏମ୍‌ପି ପ୍ରତିନିଧି ବିକାଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ଦୁର୍ନୀତି ବନ୍ଦ କରିବା, ରାଶନକାର୍ଡ ହିତାଧିକାରୀ ଚୟନରେ ଅନିୟମିତତାର ତଦନ୍ତ, ଏମ୍‌ଜିଏନଆରଇଜିଏସରେ ହେଉଥିବା ଦୁର୍ନୀତିର ତଦନ୍ତ ସମେତ ୧୮ ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା ।

## ଚିନ୍ତା ବଢ଼ାଉଛନ୍ତି ଅମାନିଆ ସଂକ୍ରମିତ

ବଲାଙ୍ଗୀର ଅଫିସ, ୩୦।୭

ବଲାଙ୍ଗୀର ଜିଲା ପ୍ରଶାସନର ବାରମ୍ବାର ତାଗିଦ୍ ଓ ସଚେତନତା ସତ୍ତ୍ୱେ କେତେକ ଅମାନିଆ ସଂକ୍ରମିତ ଜିଲା ପ୍ରଶାସନ ଓ ଜନସାଧାରଣଙ୍କ ଚିନ୍ତା ବଢ଼ାଇଛନ୍ତି। ଦିନକ ତଳେ ବଲାଙ୍ଗୀର ସହରର ଏକ ନିର୍ଦ୍ଦିଷ୍ଟ ପଡାର ଏକ ପରିବାର ସଦସ୍ୟଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ରିପୋର୍ଟ ନ ଆସିବା ପର୍ଯ୍ୟନ୍ତ ସେମାନେ ଘରେ ରହିବେ ବୋଲି ପରାମର୍ଶ ଦିଆଯାଇଥିଲା । ପରୀକ୍ଷା ପରେ ସମ୍ପୃକ୍ତ ପରିବାରର ଜଣେ ମହିଳାଙ୍କ ସ୍ୱାବ୍ ପଜିଟିଭ ବାହାରିଥିଲା । ଏହାପରେ ସ୍ୱାସ୍ଥ୍ୟଟିମ୍ ସମ୍ପୃକ୍ତ ମହିଳାଙ୍କୁ କୋଭିଡ ହସ୍ପିଟାଲ ନେବା ପାଇଁ ତାଙ୍କ ଘରେ ପହଞ୍ଚିଥିଲେ। ତେବେ ସମ୍ପୃକ୍ତ ମହିଳା ଜଣକ ସେତେବେଳେ ଘରେ ନଥିଲେ। ହସ୍ପିଟାଲ ପାଖରେ ତାଙ୍କ ପୁଅ କରିଥିବା ଏକ ଜଳଖିଆ ଦୋକାନରେ ସେ କାମ କରୁଥିବା ଦେଖାଯାଇଥିଲା। ତାଙ୍କୁ ସେଠାରୁ କୋଭିଡ ହସ୍ପିଟାଲ ନିଆଯାଇଛି । ସେହିପରି ସୁଦପଡା ଅଞ୍ଚଳରେ କରୋନା ସଂକ୍ରମିତ ଚିହ୍ନଟ ପରେ ଜଣେ ବ୍ୟବସାୟୀଙ୍କ ପୁଅଙ୍କ ସ୍ୱାବ୍ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ପଜିଟିଭ ଜଣାପଡିବା ପରେ ସ୍ୱାସ୍ଥ୍ୟ ବିଭାଗ ଟିମ୍ ତାଙ୍କୁ କୋଭିଡ ହସ୍ପିଟାଲ ନେବାକୁ ତାଙ୍କ ଘରେ ପହଞ୍ଚିଥିଲେ। ହେଲେ ସେତେବେଳେ ସେ ଅନ୍ୟ ୪/୫ ଜଣ ଯୁବକଙ୍କ ସହ ଭୁବନେଶ୍ୱର ପଳାଇ ଯାଇଥିବା ଜଣାପଡିଥିଲା। ଏହି ଘଟଣା ଜଣାପଡିବା ପରେ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ । ୧୦ ହଜାର ଟଙ୍କା ଜରିମାନା କଟାଯିବା ସହ ସମ୍ପୃକ୍ତ ବ୍ୟବସାୟୀ ପରିବାରର ୧୨ଟି ଦୋକାନ ସିଲ କରାଯାଇଛି । ସେହି ପରିବାରର ଅନ୍ୟ କେତେଜଣ ସଦସ୍ୟ ମଧ୍ୟ ପଜିଟିଭ ଚିହ୍ନଟ ହୋଇଛନ୍ତି । ପ୍ରଶାସନର ତାଗିଦ୍ ପରେ ଫେରାର ଯୁବକ ଭୁବନେଶ୍ୱରରୁ ଫେରିବା ପରେ କୋଭିଡ ହସ୍ପିଟାଲକୁ ଦିଆଯାଇଛି। ସଂକ୍ରମିତମାନଙ୍କ ଏଭଳି ଅମାନିଆ ହେବା ପ୍ରଶାସନ ଓ ଜନସାଧାରଣଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ପାଲଟିଛି ।

## ଜିଆରଏସ୍ ପଜିଟିଭ ଚିହ୍ନଟ ପରେ ତତ୍ପରତା

ଲୋଇସିଂହା,୩୦।୭(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗ. ଡୁଙ୍ଗରିପାଲି ପଞ୍ଚାୟତର ଜିଆରଏସ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତାଙ୍କୁ ବଲାଙ୍ଗୀର କୋଭିଡ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ଏହାପରେ ବ୍ଲକର ଏମ୍‌ଜିଏନଆଇରଜିଏସ ବିଭାଗରେ କାର୍ଯ୍ୟରତ କର୍ମଚାରୀ ଓ ସାଥୀ ଜିଆରଏସଙ୍କ ମଧ୍ୟରେ ଛନକା ପଶିଛି। ବ୍ଲକ ରାଜୀବ ସେବା କେନ୍ଦ୍ରରେ ଏମଜିଏନ୍‌ଆରଇଜିଏସ ଓ ବ୍ଲକ ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ସମେତ ୩ଟି ବିଭାଗ କାର୍ଯ୍ୟ କରୁଛି । ଜିଆରଏସ ପଞ୍ଚାୟତର ବିଭିନ୍ନ ଉନ୍ନୟନ କାର୍ଯ୍ୟ ନେଇ ବ୍ଲକ ଅଫିସ ଆସୁଥିଲେ । ଏହାବାଦ କାର୍ଯ୍ୟ କରୁଥିବା ପଞ୍ଚାୟତ ଅନ୍ତର୍ଗତ ୪ ଗ୍ରାମର ଲୋକଙ୍କ ସଂସ୍ପର୍ଶରେ ସେ ଆସିଛନ୍ତି। ଲୋଇସିଂହା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ କରାଯାଇଥିବା କଣ୍ଟାକ ଟ୍ରେସିଂରୁ ସେ ୬୦ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଛନ୍ତି। ସେମାନଙ୍କ ସ୍ୱାବ ନମୁନା ସଂଗ୍ରହ କରି ପରୀକ୍ଷଣ ପାଇଁ ପଠାଯିବ ବୋଲି ପିଏଚ୍‌ଓ ରମେଶ ସାହୁ କହିଛନ୍ତି। ଏ ସମ୍ପର୍କରେ ବିଡିଓ ରାମଚନ୍ଦ୍ର ଖାଡିଆ କହିଛନ୍ତି ଯେ, କିଛି ଦିନ ହେଲା ସେ ବ୍ଲକ ଅଫିସକୁ ଆସୁ ନ ଥିଲେ । ତଥାପି ପ୍ରତିଷେଧାତ୍ମକଭାବେ ବ୍ଲକ ପରିସର ସାନିଟାଇଜ କରାଯିବ ।

## ନାବାଳକ ପୁଅ ଉପରେ ପରିବାର ବୋଝ

ଅତାବିରା,୩୦।୭ (ଡି.ଏନ.ଏ.)

ସଡ଼କ ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ପରେ ନାବାଳକ ପୁଅ ଉପରେ ଏବେ ପରିବାରର ବୋଝ ପଡିଛି। ଭାଗ୍ୟ ଓ ଭଗବାନଙ୍କୁ ଭରସା କରି ସେ ବି ଅଣ୍ଟା ଭିଡ଼ିଛନ୍ତି। ଅନ୍ୟ କୌଣସି ଉପାୟ ବି ନାହିଁ। ତଥାପି ସେ ନିଜ ଛୋଟ ହାତରେ କାମ କରିବାକୁ ପ୍ରସ୍ତୁତ ଅଛନ୍ତି । ଯାହା ରୋଜଗାର ହେଉଛି ସେଥିରେ ତାଙ୍କ ତେଲଲୁଣର ପରିବାର ଚାଲିଛି।

ସୂଚନା ଅନୁଯାୟୀ, ବରଗଡ ଜିଲା ଭେଡେନ ବ୍ଲକ ମାନପୁର ପଞ୍ଚାୟତ ଦବକା ଗ୍ରାମର ବୁଲୁ ଆଚାର୍ଯ୍ୟ ସାଲନା ରାଇସ ମିଲ୍‌ର ଜଣେ ଶ୍ରମିକ । ସ୍ତ୍ରୀ ସୁଭଦ୍ରା (୪୦), ପୁଅ ଜୟନାରାୟଣ (୧୬)ଙ୍କୁ ନେଇ ତାଙ୍କ ତେଲଲୁଣର ସଂସାର। ପ୍ରତିଦିନ ପରି ସେଦିନ ବୁଲୁ ମିଲ୍‌କୁ ଯାଇ ଫେରୁଥିଲେ। ସମୟ ରାତି ପ୍ରାୟ ସାଢ଼େ ୭ଟା । ଏହି ସମୟରେ ଏକ ଗାଡି ତାଙ୍କ ସାଇକେଲକୁ ୫୪ ନମ୍ବର ରାଜ୍ୟ ରାଜପଥ ଉପରେ ଧକ୍କା ଦେଇ ପଳାଇଯାଇଥିଲା। ଗୁରୁତର ହୋଇଥିଲେ ସେ। ସ୍ଥାନୀୟ ଲୋକେ ବୁଲୁଙ୍କୁ ଉଦ୍ଧାର କରି କାଦୋବାହାଲ ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ବାପାଙ୍କ ମୃତ୍ୟୁ ପରେ ପରିବାର ବୋଝ ଜୟନାରାୟଣଙ୍କ ଉପରେ ପଡିଛି । ବୁଲୁ ଶ୍ରମିକ ଥିଲେ ମଧ ଏପର୍ଯ୍ୟନ୍ତ ତାଙ୍କ ପରିବାରକୁ ରାଶନ କାର୍ଡ ମିଳିନାହିଁ । ଫଳରେ ୧ ଟଙ୍କିଆ ଚାଉଳରୁ ବୁଲୁଙ୍କ ପରିବାର ବଞ୍ଚିତ ରହିଛନ୍ତି । ଅସହାୟ ପରିବାରକୁ ପ୍ରଶାସନ ତରଫରୁ ସହଯୋଗର ହାତ ବଢ଼ାଇବା ପାଇଁ ଦାବି ହେଉଛି। ଏ ନେଇ ଭେଡେନ ବିଡିଓ ମୁରଲୀଧର ନାୟକ କହିଛନ୍ତି, ବୁଲୁଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ପ୍ରଦାନ କରାଯିବ । ଏଥିସହିତ ତାଙ୍କ ସ୍ତ୍ରୀଙ୍କୁ ବିଧବା ଭତ୍ତା, ରାଶନ କାର୍ଡ ପାଇ ବ୍ୟବସ୍ଥା କରାଯିବ । ଭେଡେନ ଯୋଗାଣ ଅଧିକାରୀ ପ୍ରସନ୍ନ କୁମାର ଦେହୁରୀ କହିଛନ୍ତି, ସେହି ପରିବାର ରାଶନ କାର୍ଡ ପାଇବେ। ଯୋଗାଣ ସହାୟକ ଫର୍ମ ପୂରଣ କରି ଆଣିବା ପରେ ଏଥିପାଇଁ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।


ମା’ ସୁଭଦ୍ରାଙ୍କ ସହିତ ପୁଅ ଜୟନାରାୟଣ ।

- ସଡ଼କ ଦୁର୍ଘଟଣାର ବାପାଙ୍କ ମୃତ୍ୟୁ ପରେ ସହାୟତା ନାହିଁ
- ଶ୍ରମିକ ପରିବାରକୁ ମିଳି ନାହିଁ ରାଶନ କାର୍ଡ

## ‘ସ୍ୱତନ୍ତ୍ର ଗୃହ କମିଟି ଗଠନ କର’

ବଲାଙ୍ଗୀର ଅଫିସ, ୩୦।୭

ରାଜ୍ୟ ସରକାର କୋଭିଡ–୧୯ ସମ୍ପର୍କରେ ବିଧାୟକମାନଙ୍କ ସଚେତନତା କର୍ମଶାଳା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ସ୍ୱାସ୍ଥ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଅତିରିକ୍ତ ଶାସନ ସଚିବ, ସ୍ୱାସ୍ଥ୍ୟ ବିଭାଗ ସଚିବ, କ୍ୟାବିନେଟ ମନ୍ତ୍ରୀ, ବିରୋଧୀଦଳ ନେତା, କଂଗ୍ରେସ ବିଧାୟକ ଦଳ ନେତାଙ୍କ ସହ ରାଜ୍ୟର ସମସ୍ତ ବିଧାୟକ ଯୋଗଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମେ ବକ୍ତବ୍ୟ ରଖି କୋଭିଡ୍ ଯୋଦ୍ଧାଙ୍କ ନିଷ୍ଠା ଓ ତ୍ୟାଗର ଉଚ୍ଚ ପ୍ରଶଂସା କରିଥିଲେ। ଲୋକଙ୍କ ଜୀବନ ରକ୍ଷା ପାଇଁ ସମ୍ବଳର ଅଭାବ ନାହିଁ ବୋଲି କହିଥିଲେ। ଏହି ଅବସରରେ ବିଧାୟକମାନଙ୍କୁ ବ୍ୟକ୍ତିଗତ ଭାବେ ନିଜ ଅଞ୍ଚଳର କୋଭିଡ୍ ଯୋଦ୍ଧାଙ୍କ ଯତ୍ନ ନେବା ପାଇଁ ସେ ଆହ୍ୱାନ ଦେଇଥିଲେ । ବଲାଙ୍ଗୀର ଜିଲାପାଳଙ୍କ ସମ୍ମିଳନୀ କକ୍ଷରୁ ଭିଡିଓ କନ୍‌ଫେରେନ୍ସ ଜରିଆରେ କ୍ୟାବିନେଟ୍ ମନ୍ତ୍ରୀ ଟୁକୁନୀ ସାହୁ, କଂଗ୍ରେସ ବିଧାୟକ ଦଳ ନେତା ତଥା ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଓ ପାଟଣାଗଡ ବିଧାୟକ ସରୋଜ କୁମାର ମେହେର କର୍ମଶାଳାରେ ଯୋଗଦାନ କରିଥିଲେ । କଂଗ୍ରେସ ବିଧାୟକ ଦଳ ନେତା ମିଶ୍ର ବୈଠକରେ କହିଥିଲେ ଯେ, ସରକାରଙ୍କ କୋଭିଡ୍ ପରିଚାଳନା ନେଇ ଗତ ବିଧାନସଭା ଅଧିବେଶନରେ ସରକାରଙ୍କୁ ନିଃସର୍ତ୍ତ ସମର୍ଥନ କରାଯାଇଥିଲା । କିନ୍ତୁ ଗତ ୪ ମାସ ଭିତରେ ସରକାର ଯେଭଳି ଭାବେ କୋଭିଡ୍ ପରିଚାଳନା କରିଛନ୍ତି ସେଥିରେ ଭୂତାଣୁ ସଂକ୍ରମଣ କମିବା ବଦଳରେ ବଢିଚାଲିଛି । କେବିକେ ଅଞ୍ଚଳରେ ଡାକ୍ତର ପଦବୀ ଖାଲିଥିବାବେଳେ ସେଠାରୁ ଗଞ୍ଜାମ ଜିଲାକୁ ଡେପୁଟେଶନ୍‌ରେ ଡାକ୍ତର ନିଆଯିବା ପ୍ରସଙ୍ଗ ଉଠାଇଥିଲେ। ଶୀଘ୍ର ଡାକ୍ତର ଫେରାଇ ଆଣିବା ଓ ଖାଲି ପଦବୀ ପୂରଣ କରିବାକୁ କହିଥିଲେ । କୋଭିଡ୍ ପରିଚାଳନା ନେଇ ଏକ ସ୍ୱତନ୍ତ୍ର ଗୃହ କମିଟି ଗଠନ କରିବାକୁ ବିଧାୟକ ମିଶ୍ର ପ୍ରସ୍ତାବ ଦେଇଥିଲେ । ଉକ୍ତ ଗୃହ କମିଟି ଜିଲା ପ୍ରଶାସନ ଦ୍ୱାରା ସରକାରୀ ଯୋଜନା ଠିକ୍ ଭାବେ ପରିଚାଳନା ହେଉଛି କି ନାହିଁ ତଦାରଖ କରିବ ବୋଲି କହିଥିଲେ । କୋଭିଡ୍ ପରିଚାଳନା ନେଇ ଯାହା ବି କାର୍ଯ୍ୟକ୍ରମ ନିଆଯାଉଛି ତା’ର ଏକ ବୁକ୍‌ଲେଟ୍ ତିଆରି କରି ସମସ୍ତଙ୍କୁ ବଣ୍ଟାଯାଉ ବୋଲି ପ୍ରସ୍ତାବ ଦେଇଥିଲେ ।

## ଆଜିଠାରୁ ବଲାଙ୍ଗୀର ଜିଲା ୪ଦିନ ଶଟ୍‌ଡାଉନ୍

ବଲାଙ୍ଗୀର ଅଫିସ, ୩୦।୭

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟାରେ ଦ୍ରୁତ ବୃଦ୍ଧି ଯୋଗୁଁ ଜିଲା ପ୍ରଶାସନ ପୁଣି ଥରେ ଜିଲାକୁ ୪ ଦିନ ଧରି ଶଟ୍‌ଡାଉନ୍ ଘୋଷଣା କରିଛି। ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଥିବା ଶଟ୍‌ଡାଉନ୍ ଅଗଷ୍ଟ ୩ ପର୍ଯ୍ୟନ୍ତ ବଳବତ୍ତର ରହିବ। ଏହି ସମୟରେ ପ୍ରଶାସନ ଜିଲାର ସମସ୍ତ ସହରାଞ୍ଚଳ, ଗ୍ରାମାଞ୍ଚଳର ଦୋକାନ ବଜାର, ସ୍କୁଲ କଲେଜ, ସରକାରୀ ବେସରକାରୀ ଅଫିସ, ଗାଡମୋଟର ଚଳାଚଳ ବନ୍ଦ କରିଛନ୍ତି । କୌଣସି ସ୍ଥାନରେ ଭିଡ ବା ସମାବେଶ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜରୁରୀ କାମ ନଥିଲେ ଘରୁ ବାହାରକୁ ନ ବାହାରିବାକୁ ଜିଲାପାଳ ଅରିନ୍ଦମ ଡାକୁଆ ଭିଡିଓ ବାର୍ତ୍ତାରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଯେଉଁମାନେ ଲକ୍ଷଣହୀନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ଓ ସେମାନଙ୍କ ଅନ୍ୟ କୌଣସି ରୋଗ ନାହିଁ ସେମାନେ ହୋମ୍ ଆଇସୋଲେସନ୍ ସୁବିଧା ଥିଲେ ରହିପାରିବେ ବୋଲି କହିଛନ୍ତି। ଆଉ ୬ ଜଣ ନୂଆ ସଂକ୍ରମିତ ଚିହ୍ନଟ ପରେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୪୦୬ରେ ପହଞ୍ଚିଛି।

## କମ୍ ମୂଲ୍ୟରେ ପରିବା ବିକୁଛନ୍ତି ଚାଷୀ

ବିନିକା,୩୦।୭(ଡି.ଏନ୍.ଏ.)

- ବିନିକା ବ୍ଲକ
- କରୋନା ଆଣିଛି ଦୁର୍ଦ୍ଦଶା

କରୋନା ମହାମାରୀ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର ଚାଷୀଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରିଛି । ଦିନ ରାତି ଏକ କରି କଠିନ ପରିଶ୍ରମ ବଳରେ ଜମିରେ ଫସଲ ଫଳାଇଲେ ମଧ ବିକ୍ରି ବାବଦରେ ଉପଯୁକ୍ତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛି ଚାଷୀ । ଶନିବାର ଓ ରବିବାର ସମଗ୍ର ବିନିକା ବ୍ଲକ ଶଟ୍‌ଡାଉନ୍ ରହୁଛି। ପୁଣି କରୋନା କଟକଣା। ଏଭଳି ପରିସ୍ଥିତିରେ ଚାଷୀ ନିଜର ପରିବା ବାଡି ଜଗିବ ନା ଦାଣ୍ଡରେ ପରିବା ବିକିବ ସେଥିନେଇ ଚିନ୍ତାରେ ପଡିଯାଇଛି । ଏହାର ଫାଇଦା ଉଠାଉଛନ୍ତି ଲାଭଖୋର ପରିବା ବ୍ୟବସାୟୀ । ଅଧିକାଂଶ ଚାଷୀ ଧାରକରଜ କରି ପନିପରିବା ଫସଲ କରିଥିବା ବେଳେ ହାଟ, ବଜାରରେ ବିକ୍ରୟ ସୁବିଧା ହେଉ ନ ଥିବାରୁ କେତେକ ଲାଭଖୋର ବ୍ୟବସାୟୀ ସିଧା ଚାଷୀଙ୍କ ପାଖକୁ ଯାଇ କମ୍ ମୂଲ୍ୟରେ ତାହା କିଣୁଛନ୍ତି । ଘରେ ଚଳିବା ପାଇଁ ଟଙ୍କା ନ ଥିବାରୁ ଚାଷୀ କ୍ଷତି ସହି ତାହା ବିକିବାକୁ ବାଧ ହେଉଛି । ଜୁଲାଇ ୩୧ ଶୁକ୍ରବାର ଯାଏ ଜିଲାର ସହର, ଗ୍ରାମୀଣ ହାଟ ବଜାର ବନ୍ଦ ରହିଛି। ଏପଟେ ଫସଲ ବିକ୍ରି ନ କଲେ ତାହା ନଷ୍ଟ ହେବାର ଭୟ ରହିଛି। ତେଣୁ ଚାଷୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି।

ବିନିକା ବ୍ଲକ ସିଂଘିଝୁବା ଗ୍ରାମପଞ୍ଚାୟତ କମିରା ଗ୍ରାମର ପରିବା ଚାଷୀ ଅଷାଢୁ ନାୟକ କୁହନ୍ତି ଯେ, ଚଳିତବର୍ଷ ବାଡ଼ିର ଅଧା ଏକର ଜମିରେ ବାଇଗଣ, ପୋଟଳ, କଞ୍ଚାଲଙ୍କା, ଝୁଡଙ୍ଗ ଆଦି ପନିପରିବା ଚାଷ କରିଥିଲେ। ବର୍ତ୍ତମାନ ପରିବା ସବୁ ତୋଳିବା ଲାଗି ଉପଯୁକ୍ତ ହୋଇଗଲାଣି । ମାତ୍ର କରୋନା କଟକଣା ଯୋଗୁ ଅନ୍ୟତ୍ର ଯାଇ ହେଉନାହିଁ । ନିଜ ବାଡିରୁ ହିଁ ପରିବା ବ୍ୟବସାୟୀଙ୍କ ମୂଲଚାଲ୍‌ରେ ବହୁତ କମ୍ ଦରରେ ପନିପରିବା ବିକ୍ରି କରିବାକୁ ପଡୁଛି। ଏବେ ବଜାରରେ ବାଇଗଣ କିଲୋ ପ୍ରତି ୪୦ ଟଙ୍କା ଥିବା ବେଳେ ୨୦ ଟଙ୍କାରେ, ପୋଟଳ କିଲୋ ପ୍ରତି ୪୦ଟଙ୍କା ଥିବା ବେଳେ ୧୮ ଟଙ୍କାରେ ନିଜ ବାଡିରୁ ହିଁ ବେପାରୀମାନଙ୍କୁ ବିକ୍ରି କରି ଦେଉଥିବା ସେ ପ୍ରକାଶ କରିଛନ୍ତି । ସେହିପରି ବାଙ୍କିଗିର୍ଡି ଗ୍ରାମପଞ୍ଚାୟତ ଅନ୍ତର୍ଗତ ସାରଙ୍ଗପାଲି ଗାଁର ପରିବା ଚାଷୀ ବାବାଜୀ ଭୋଇ(୪୧) କହିଛନ୍ତି ଯେ, ଚଳିତବର୍ଷ ଅଧ ଏକର ଜମିରେ ଟମୋଟୋ ଚାଷ କରିଥିଲେ । ସାର, କୀଟନାଶକ ଔଷଧ,ବିହନ ଓ ଜମି ପ୍ରସ୍ତୁତି ଆଦି ବାବଦରେ ୧୨ହଜାର ଟଙ୍କା ଖର୍ଚ୍ଚ କରିଥିଲେ । ବର୍ତ୍ତମାନ ୮୦ ଭାଗ ପାତଲଘଣ୍ଟା ବାଡିରୁ ଅମଳ କରିସାରି କମ୍ ଦରରେ ବିକ୍ରି କରିସାରିଛନ୍ତି । କରୋନା କଟକଣା ଭୟରେ ଅନ୍ୟତ୍ର ନ ଯାଇ କମ୍ ଦରରେ ବ୍ୟବସାୟୀଙ୍କୁ ବିକ୍ରି କରିଛନ୍ତି । ଖର୍ଚ୍ଚ ହିସାବରେ ତାଙ୍କୁ ଲାଭ ମିଳିନାହିଁ । ଆଉ ଯେଉଁ ୨୦ଭାଗ ପାତଲଘଣ୍ଟା ରହିଛି ତାହା ମଧ ବାଧ ହୋଇ କମ୍ ଦରରେ ବିକିବାକୁ ପଡିବ ବୋଲି ସେ ଦୁଃଖର ସହ କହିଛନ୍ତି । ବିନିକା ଅଞ୍ଚଳର ପରିବା ଚାଷୀମାନଙ୍କର ଏହି ସମସ୍ୟାର ସମାଧାନ ଦିଗରେ ଜିଲା ପ୍ରଶାସନ ବିହିତ ପଦକ୍ଷେପ ନେବାକୁ ଚାଷୀ ମହଲରେ ଦାବି ହେଉଛି ।


ନିଜ ବାଡ଼ିରେ ସାରଙ୍ଗପାଲି ଗ୍ରାମର ଜଣେ ଚାଷୀ ।

## ସରସ୍ୱତୀ ଶିଶୁମନ୍ଦିର ପାସ୍ ହାର ଶତ ପ୍ରତିଶତ

ଲୋଇସିଂହା, ୩୦।୭(ଡି.ଏନ.ଏ.)

ମାଟ୍ରିକ ପରୀକ୍ଷାରେ ବଲାଙ୍ଗୀର ଜିଲା ଲୋଇସିଂହା ଶିଶୁମନ୍ଦିର ଶତ ପ୍ରତିଶତ ସଫଳତା ହାସଲ କରିଛି। ସ୍ୱୟଂଭୁବ ମିଶ୍ର ୫୨୭ ଓ ବବଲୁ ବାରିକ ୫୨୬ ମାର୍କ ରଖିଛନ୍ତି। ପାସ୍ କରିଥିବା ଅନ୍ୟ ସମସ୍ତ ଛାତ୍ରୀଛାତ୍ର ୫୦%ରୁ ଅଧିକ ମାର୍କ ରଖିଥିବା ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସନାତନ ମିଶ୍ର ପ୍ରକାଶ କରିଛନ୍ତି। ଯୋଗୀସର୍ଡା ନୋଡାଲ ହାଇସ୍କୁଲରୁ ୯୫.୨୩ ପ୍ରତିଶତ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବିଦ୍ୟାଳୟର ୮୫ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୮୧ଜଣ ପାସ୍ କରିଥିବା ବରିଷ୍ଠ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ ହାଇସ୍କୁଲର ପାସ୍ ହାର ୮୭ ପ୍ରତିଶତ ରହିଥିବା ପ୍ରଧାନ ଶିକ୍ଷକ ପରମାନନ୍ଦ ସାହୁ ଜଣାଇଛନ୍ତି।

